
ଢେଙ୍କାନାଳ ଗାନ୍ଧୀ ବଜାର ପୂଜା ମଣ୍ଡପ।


ଢେଙ୍କାନାଳ ସହରସ୍ଥିତ ଗୋପବନ୍ଧୁ ବଜାର ପୂଜା ମଣ୍ଡପ।


ନେହେରୁ ବଜାର ପୂଜା ମଣ୍ଡପ।


ପଦ୍ମ ବଜାର ପୂଜା ମଣ୍ଡପ।

# ଆଖୁ ପେଡ଼ା ପୂର୍ବରୁ ବଏଲରର ପୂଜାର୍ଚ୍ଚନା

**ଢେଙ୍କାନାଳ,୬।୧୧(ରତନ ନାୟାର)**

ଢେଙ୍କାନାଳ ସହର ନିକଟରେ ଥିବା ଇଣ୍ଡିଆନ ପଟାସ ଲିମିଟେଡ୍(ଆଇପିଏଲ) କମ୍ପାନୀରେ ଆସନ୍ତା ୨୯ ତାରିଖରୁ ଆଖୁପେଡା କାର୍ଯ୍ୟର ଶୁଭାରମ୍ଭ ହେବ। ଏହି ଉପଲକ୍ଷେ ସୋମବାର କମ୍ପାନୀ ପରିସରରେ ବଏଲରର ପୂଜା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଅର୍ଥାତ ୨୦୨୩-୨୪ ଆର୍ଥିକ ବର୍ଷରେ ୨ଲକ୍ଷ ୬୦ ହଜାର ମେଟ୍ରିକ ଟନ ଆଖୁ ପେଡା ଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟର ବିଭିନ୍ନ ଜିଲା ଅବିଭକ୍ତ କଟକ, ପୁରୀ, ଅନୁଗୋଳ, ଢେଙ୍କାନାଳ ଓ ଖୋର୍ଦ୍ଧା ଆଦି ଅଞ୍ଚଳରୁ ଆଖୁ ଅଣାଯାଇ ଏଠାରେ ପେଡ଼ାଯିବ। ସେଥିରୁ ପ୍ରସ୍ତୁତ ଚିନି ରାଜ୍ୟର ବିଭିନ୍ନ ପ୍ରାନ୍ତ ଓ ରାଜ୍ୟ ବାହାରକୁ ରପ୍ତାନି କରାଯିବ। ଆଖୁ ଚାଷୀମାନଙ୍କ ସୁବିଧା ଓ ଉନ୍ନତି ପାଇଁ କମ୍ପାନୀ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯାଉଛି। ଫଳରେ ଚାଷୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଆସନ୍ତା ୨୦୨୪ ଆର୍ଥିକ ବର୍ଷରେ ୩ଲକ୍ଷ ୫୦ହଜାର ଟନ୍ ଆଖୁ ପେଡା ଯିବାର ଲକ୍ଷ୍ୟ ରଖାଯାଇଛି। ବଏଲର ପୂଜାରେ କମ୍ପାନୀର ଜେନେରାଲ ମ୍ୟାନେଜର ଦୁର୍ଗା ପ୍ରସାଦ ଦ୍ୱିବେଦୀ, ୟୁନିଟ୍ ମୁଖ୍ୟ ସନ୍ତୋଷ କୁମାର ଦାସ, ପ୍ରକ୍ରିୟାକରଣ ଏଜିଏମ୍ ଭବାନୀକାନ୍ତ ରଥ, ଆକାଉଣ୍ଟ ବିଭାଗ ମୁଖ୍ୟ ଶୈଳେଶ ଭଞ୍ଜର, ଯାନ୍ତ୍ରିକ ବିଭାଗ ମ୍ୟାନେଜର ଲଳିତ କୁମାର ଦାସ, ସୋୟାର ଏଜିଏମ୍ ମୁରୁଗାନ ଓ ଆଇପିଏଲ୍ କର୍ମଚାରୀ ସଂଘ ନେତା ବସନ୍ତ କୁମାର ବେହେରାଙ୍କ ସମେତ ଅନ୍ୟ ଚାଷୀମାନେ ଉପସ୍ଥିତ ଥିଲେ। ଗତବର୍ଷ ଏହି ସୁଗାର କମ୍ପାନୀକୁ ଇଣ୍ଡିଆନ ପଟାସ ଲିମିଟେଡ୍ ଅଧିଗ୍ରହଣ କରିଥିଲା। ଇଣ୍ଡିଆନ ପଟାସ ଲିମିଟେଡ୍ ଏହାକୁ ନେବାପରେ ୨୦୨୨-୨୩ ଆର୍ଥିକ ବର୍ଷରେ ୨ଲକ୍ଷ ୨୦ହଜାର ମେଟ୍ରିକ ଟନ ଆଖୁ ପେଡା ହୋଇଥିଲା।


ଆଖୁ ପେଡା ପାଇଁ ବଏଲରର ପୂଜାର୍ଚ୍ଚନା କରାଯାଉଛି।

# ବୁଲି ଦେଖୁଛନ୍ତି ଦେଶୀ, ବିଦେଶୀ ପର୍ଯ୍ୟଟକ

**ଦିନକ ପରେ ସରିବ ପ୍ରସିଦ୍ଧ ଢେଙ୍କାନାଳ ଲକ୍ଷ୍ମୀପୂଜା**

- ରଙ୍ଗିନ ଆଲୋକମାଳାରେ ଝଲସୁଛି ସହର
- ମନମୋହୁଛି ସନ୍ଧ୍ୟାରେ ଲକ୍ଷ୍ମୀପୁରାଣ ପାଠ



**ଢେଙ୍କାନାଳ,୬।୧୧(ରତନ ନାୟାର)**

ଢେଙ୍କାନାଳର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ଶେଷ ହୋଇଆସୁଛି। ମଙ୍ଗଳବାର ପୂଜାର ଶେଷ ଦିବସ। ବୁଧବାର ମିଳିତ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ। ତେଣୁ ପୂଜା ସରି ଆସୁଥିବାରୁ ଏହାକୁ ମନଭରି ଉପଭୋଗ କରିବା ପାଇଁ ସହରରେ ଶ୍ରଦ୍ଧାଳୁଙ୍କ ଅସମ୍ଭାଳ ଭିଡ଼ ହେଉଛି।

ସୋମବାର ସନ୍ଧ୍ୟାରେ ଲକ୍ଷାଧିକ ଲୋକଙ୍କ ସମାଗମ ଲକ୍ଷ୍ୟ କରାଯାଇଛି। କଲେଜ ଠାରୁ ଗୁଡିଆନାଳୀ, ବସ୍‌ଷ୍ଟାଣ୍ଡ, ଦୁର୍ଗାବଜାର, କୈବଲ୍ୟ ବଜାର, ରଥଗଡା, ଗଣେଶ ବଜାର ଦେଇ ବାଜିଚୌକ, ଚନ୍ଦନ ବଜାର, ଷ୍ଟେଶନ ବଜାର ଓ ରତନ ବଜାର ପର୍ଯ୍ୟନ୍ତ ପ୍ରାୟ ୧୦ କିଲୋମିଟର ଧରି ରାସ୍ତା ରଙ୍ଗିନ ଆଲୋକମାଳାରେ ସଜ୍ଜିତ ହୋଇଛି। ସେହିପରି ସୁଉଚ୍ଚ ତୋରଣ ଓ ରଙ୍ଗବେରଙ୍ଗର ଆଲୋକମାଳାରେ ଢେଙ୍କାନାଳ ସହର ଝଲସି ଉଠୁଛି। ଏପରି କି ପୂରା ସହର ଇନ୍ଦ୍ରପୁରୀର ଭ୍ରମ ସୃଷ୍ଟି କରୁଛି। ଅତ୍ୟାଧୁନିକ ବିଦ୍ୟୁତ୍ ଆଲୋକମାଳାରେ ପୂଜା ମଣ୍ଡପଗୁଡିକର ସାଜସଜ୍ଜା ବେଶ ଆକର୍ଷଣୀୟ ହୋଇଛି। ସେହିପରି ଗୁଡିଆନାଳୀ, ମିନି ଷ୍ଟାଡିୟମ, ରଥଗଡା ଓ ପଲ୍ଲିଶ୍ରୀ ମେଳାରେ ପଡିଥିବା ବିଭିନ୍ନ ପ୍ରକାରର ଦୋଳି ପାଖରେ ଭିଡ ଦେଖାଯାଇଛି। ପୂଜା ବଜାରରେ ବାରିପଦା ମୁଢିମାଂସ, କଟକ ଠୁଙ୍କାପୁରୀ ଚାଟ, ଦହିବରା ଆଳୁଦମ, ଫାଷ୍ଟଫୁଡ, ମଥୁରା କେକ୍, ଢେଙ୍କାନାଳ ବରା ଆଦି ଖାଦ୍ୟ ଷ୍ଟଲରେ ପ୍ରବଳ ଜନ ସମାଗମ ହେଉଛି। ଉଠା ଦୋକାନୀମାନଙ୍କ ପାଖରେ ଘରକରଣା ସାମଗ୍ରୀ କିଣିବା ପାଇଁ ମହିଳାଙ୍କ ଅଧିକ ଭିଡ଼ ହେଉଛି। ରବିବାର ସର୍ବାଧିକ ୬ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବାରୁ ଏହାକୁ ଲକ୍ଷ୍ୟ କରି ସୋମବାରଠାରୁ ପୋଲିସ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣକୁ ଅଧିକ କଡାକଡି କରାଯାଇଛି। ଚଳିତବର୍ଷ ଫ୍ରାନ୍ସ, ହଲାଣ୍ଡ, ଜର୍ମାନୀ ଆଦି ଦେଶରୁ ବହୁ ସଂଖ୍ୟାରେ ବିଦେଶୀ ପର୍ଯ୍ୟଟକ ମଧ୍ୟ ପୂଜା ବୁଲି ଦେଖୁଛନ୍ତି। ବହୁ ଜନ ପ୍ରତିନିଧି ନିଜନିଜ ସମର୍ଥକଙ୍କ ସହିତ ପୂଜା ମଣ୍ଡପ ବୁଲୁଥିବା ଦେଖାଯାଇଛି। ବିଶେଷକରି ସନ୍ଧ୍ୟା ସମୟରେ ଅଧିକାଂଶ ପୂଜା ମଣ୍ଡପରେ ଲକ୍ଷ୍ମୀ ପୁରାଣ ପାଠ ଜନ ସାଧାରଣଙ୍କ ମନ ମୋହୁଛି। ଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ପକ୍ଷରୁ ପାରମ୍ପରିକ ଭାବେ ପାର୍ଶ୍ୱମୂର୍ତ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ଆଦିବାସୀମାନଙ୍କ ଚଳଣି ଉପରେ ପ୍ରତିମୂର୍ତ୍ତି କରାଯାଇ ସାମାଜିକ ବାର୍ତ୍ତା ପ୍ରଦାନ କରାଯାଇଛି। ସେହିପରି ପୁରାଣ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ରାସଲୀଳା ନେଇ ସାଜସଜ୍ଜା କରାଯାଇଛି। ଅଧିକାଂଶ ପୂଜାମଣ୍ଡପରେ ବନ୍ୟପ୍ରାଣୀଙ୍କ ସମ୍ପର୍କରେ ସଚେତନତାର ବାର୍ତ୍ତା ଦିଆଯାଇଛି। ସେହିପରି ବୈଦ୍ୟୁତିକ ତୋରଣରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟି, ତାଜମହଲ, ସ୍ୱର୍ଣ୍ଣମନ୍ଦିର, ପୁରାଣରେ ବର୍ଣ୍ଣିତ କାଳୀୟ ଦଳନ ଆଦି ସ୍ଥାନ ପାଇଛି। ଅଧିକାଂଶ ପୂଜା ମଣ୍ଡପରେ ପୂଜାର ଅନ୍ତିମ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଭିଡ଼ ଲାଗୁଛି। ରାଜ୍ୟ ଓ ବାହାରୁ ଆସିଥିବା ବ୍ୟବସାୟୀମାନେ ଭଲ ବ୍ୟବସାୟ ହେଉଥିବାରୁ ଉତ୍ସାହିତ ଅଛନ୍ତି। ଦିନକ ପରେ ପୂଜା ସମାପ୍ତ ହେବାକୁ ଯାଉଥିବାରୁ ବିଭିନ୍ନ ପୂଜା କମିଟି ପକ୍ଷରୁ ବୁଧବାର ମିଳିତ ଭସାଣି ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।



ପୂଜାମଣ୍ଡପ ପାର୍ଶ୍ୱରେ ଆଦିବାସୀ ପରମ୍ପରାର ଝଲକ।

# ପଲ୍ଲିଶ୍ରୀ ମେଳାରେ ବ୍ୟବସାୟ ୨ କୋଟି ଟପିଲା


ଢେଙ୍କାନାଳ ପଲ୍ଲିଶ୍ରୀ ମେଳାରେ ପ୍ରବଳ ଭିଡ଼।

**ଢେଙ୍କାନାଳ,୬।୧୧ (ରତନ ନାୟାର)**

ଓରମାସ ପକ୍ଷରୁ ଢେଙ୍କାନାଳ ମହିଷାପାଟ ପଡିଆଠାରେ ଆୟୋଜିତ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳାରେ ସୋମବାର ସୁଦ୍ଧା ୨କୋଟି ୨୯ଲକ୍ଷ ୬୫ହଜାର ୭୩୬ଟଙ୍କାର ବ୍ୟବସାୟ ହୋଇଛି। ମଙ୍ଗଳବାର ପଲ୍ଲିଶ୍ରୀ ମେଳାର ଅନ୍ତିମ ଦିବସ। ଚଳିତବର୍ଷ ପଲ୍ଲିଶ୍ରୀ ମେଳାରେ କନ୍ଧମାଳରୁ ଆସିଥିବା ହଳଦି, ଉତ୍ତରପ୍ରଦେଶରୁ ଆସିଥିବା ଘରେ ପକାଇବା ପାଇଁ ଗାଲିଚା, କମ୍ବଳ ସହିତ ବିଭିନ୍ନ ଜିଲା ଏବଂ ରାଜ୍ୟର ହସ୍ତଶିଳ୍ପ, କାରୁକାର୍ଯ୍ୟ ପ୍ରଦର୍ଶିତ ହୋଇଥିବା ଷ୍ଟଲଗୁଡିକରେ ଲୋକଙ୍କ ଭିଡ ଅଧିକ ଲାଗିଛି। ସେହିପରି ଖାଦ୍ୟ ଷ୍ଟଲ ଗୁଡିକରେ ମଧ୍ୟ ଅଧିକ ଜନ ସମାଗମ ହେଉଛି। ବିଭିନ୍ନ ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ଓ ମିଶନ ଶକ୍ତି ପକ୍ଷରୁ ବିକ୍ରି କରାଯାଉଥିବା ହାତ ତିଆରି ଧୂପକାଠି, ଆଚାର, ପାମ୍ପଡ, ଖେଳନା, ବଡି, ଡାଲି, ମାଣ୍ଡିଆ, ବାଜରା ଆଦି ସାମଗ୍ରୀ ବହୁ ପରିମାଣରେ ଲୋକେ କିଣିକି ନେଉଥିବାର ଦେଖାଯାଇଛି। ପଲ୍ଲିଶ୍ରୀ ମେଳାରେ ଭିଡ଼ ଅଧିକ ହେଉଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛି।

# ବିଦ୍ୟୁତ୍ ଆଘାତରେ ଷଣ୍ଢ ମୃତ

**ପରଜଙ୍ଗ,୬।୧୧(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅଞ୍ଚଳ ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ପରମହଂସପୁର ଛକ ନିକଟରେ ବସିଥିବା ୧୬ କେ.ଭି.ର ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ସୋମବାର ଏକ ଷଣ୍ଢର ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ଉକ୍ତ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ବାଡ ନ ଥିବାବେଳେ ଟ୍ରାନ୍ସଫର୍ମର ଅତି କମ ଉଚ୍ଚରେ ବସାଯାଇଛି। ଏ ସମ୍ପର୍କରେ ବଜାର କମିଟି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ଫଳରେ ବିଦ୍ୟୁତ୍ ଆଘାତରେ କୁକୁର, ଗୋରୁଙ୍କ ମୃତ୍ୟୁ ଘଟୁଛି। ଏ ନେଇ ପରଜଙ୍ଗ ସେକ୍ସନ ୨ର ସରାଙ୍ଗ ଷ୍ଟ୍ରକଚର କନିଷ୍ଠ ଯନ୍ତ୍ରୀ ଲିଙ୍ଗରାଜ ବେହେରା କହିଛନ୍ତି, ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଟ୍ରାନ୍ସଫର୍ମର ଚର୍ତୁପାର୍ଶ୍ୱ ଖୋଲା ରହିଥିବା ବିଷୟର ଅବଗତ କରିଛୁ। ତୁରନ୍ତ ସୁରକ୍ଷା ବାଡ଼ ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ବଜାର ସଭାପତି ନରେନ୍ଦ୍ର କୁମାର ରାଉତ କହିଛନ୍ତି।

# ଝାରଦା ଗ୍ରାମରେ ନାଟକ ପରିବେଷଣ

**ଢେଙ୍କାନାଳ,୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଝାରଦା ଗ୍ରାମରେ ଲକ୍ଷ୍ମୀପୂଜା ଉପଲକ୍ଷେ ରବିବାର ନାଟକ ପରିବେଷଣ ହୋଇଥିଲା। ପ୍ରଶାନ୍ତ କୁମାର ଦତ୍ତ ଓ ଗୋବର୍ଦ୍ଧନ ନାୟକଙ୍କ ନିର୍ଦ୍ଦେଶନାରେ ଏବଂ ଜଗନ୍ନାଥ ରାଉତଙ୍କ ରଚନାରେ ନାଟକ ମୁଁ ଶ୍ରୀକ୍ଷେତ୍ର ବୋହୂ ପରିବେଷିତ ହୋଇଥିଲା। ଅଭିନୟରେ ନିର୍ମଳ, କାର୍ତ୍ତିକ, ରାଜେଶ, ଦିଗାମ୍ବର, ଦୈତାରୀ, ଆରତ, ସନ୍ତୋଷ, ମୁନା, ଶଙ୍କର୍ଷଣ, ମିଲିକା, ପ୍ରଶାନ୍ତ, ସଂଗ୍ରାମ, ନିତ୍ୟାନନ୍ଦ, ପିଣ୍ଟୁ, ଚନ୍ଦନ, ଶୁଭମ ପ୍ରମୁଖ ରହିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଝାରଦା ଗ୍ରାମ ସଭାପତି ଗୋବର୍ଦ୍ଧନ ନାୟକଙ୍କ ଅଧ୍ୟକ୍ଷତାରେ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ନିହଲପ୍ରସାଦ ପୂର୍ବତନ ସରପଞ୍ଚ ତାପସ କୁମାର ସାହୁ, ଷଡଙ୍ଗୀ ସରପଞ୍ଚ ସମ୍ବିତ କୁମାର ଓଝା, ସାମାଜିକ କର୍ମୀ ଶରତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିନାୟକ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ସଭାପତି ମଥୁରା ବିହାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।


ନାଟକ ପରିବେଷଣ ପୂର୍ବରୁ ଉଦ୍‌ଘାଟନ ଅବସରରେ ଅତିଥିମାନେ।

# ସ୍ମୃତିରକ୍ଷା ପାଇଁ ଉଦ୍ୟମ କରୁ ପ୍ରଶାସନ

**ଢେଙ୍କାନାଳ,୬।୧୧(ରତନ ନାୟାର)**

**ଭାଷାବିଜ୍ଞାନୀ ଗୋଲକ ଧଳଙ୍କ ଜୟନ୍ତୀ ପ୍ରସ୍ତୁତି**

ଭାଷାବିଜ୍ଞାନୀ ଗୋଲକ ବିହାରୀ ଧଳଙ୍କ ୧୦୩ ତମ ଜୟନ୍ତୀ ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ଅପର୍ତ୍ତି ନାୟକଙ୍କ ସଭାପତିତ୍ୱରେ କୁଞ୍ଜକାନ୍ତସ୍ଥିତ ବିଶ୍ୱ ଓଡ଼ିଶା ଉଦ୍ୟମ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଲୋକ ବିହାରୀ ଧଳ ସ୍ମୃତିସଂସଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆସନ୍ତା ଡିସେମ୍ବର ୧୫ରେ ପାଳିତ ହେବ। ଏହି ପ୍ରସ୍ତୁତି ବୈଠକରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବରିଷ୍ଠ ଆଇନଜୀବୀ ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁର୍ଗାମାଧବ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ଧଳଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗର ସ୍ମୃତିଚାରଣ କରି ବିଶ୍ୱ ବିଖ୍ୟାତ ବ୍ୟକ୍ତିଙ୍କ ସ୍ମୃତିରକ୍ଷା ପାଇଁ ଢେଙ୍କାନାଳ ଜିଲା ପ୍ରଶାସନ ଉଦ୍ୟମ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଜୟନ୍ତୀ ଅବସରରେ ଏକ ବିଶେଷ ସ୍ମରଣିକା 'ଗୋଲକ ଶତାବ୍ଦୀ' ପ୍ରକାଶ ପାଇବା ସହିତ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ 'ଗୋଲକ ବିହାରୀ ଧଳଙ୍କୁ ଜାଣେ' ଶୀର୍ଷକରେ ବକ୍ତୃତା ପ୍ରତିଯୋଗିତା କରାଯିବ ବୋଲି ସମ୍ପାଦକ ମନୋଜ କୁମାର ସାହୁ ସୂଚନା ଦେଇଥିଲେ। ଏହି ବୈଠକରେ ଆବାହକ ରଙ୍ଗାଧର ଧଳ, ପ୍ରଭାତୀ ମହାପାତ୍ର, ଛନ୍ଦେଶ ସାହିତ୍ୟ ସଂସଦ ସଭାପତି ନୀଳମଣି ମହାରଣା, ଉପସଭାପତି ପ୍ରଫୁଲ୍ଲ କୁମାର ପଣ୍ଡା, ସଙ୍ଗଠନ ସମ୍ପାଦକ ଧନଞ୍ଜୟ ଧଳ, ଯୁଗ୍ମ ସମ୍ପାଦକ ଫକୀର ମୋହନ ସାହୁ, ସୂର୍ଯ୍ୟମଣି ପୃଷ୍ଟି, ସାଂସ୍କୃତି ସମ୍ପାଦକ ପ୍ରଶାନ୍ତ ଧଳ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଷ୍ଣୁପ୍ରସାଦ ଲେଙ୍କା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ସଦସ୍ୟ ଓ କର୍ମକର୍ତ୍ତାମାନେ।

# ଢେଙ୍କାନାଳର ଭାଇଚାରା ଓ ପରମ୍ପରା ମହାନ୍


ଗଣେଶ ବଜାର ପୂଜା ପ୍ରତିଷ୍ଠାନର ହୀରକ ଜୟନ୍ତୀର ୮ମ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

**ଢେଙ୍କାନାଳ,୬।୧୧(ରତନ ନାୟାର)**

**ଗଣେଶ ବଜାର ପୂଜା ପ୍ରତିଷ୍ଠାନର ହୀରକ ଜୟନ୍ତୀ**

ଢେଙ୍କାନାଳ ସହରସ୍ଥିତ ଶ୍ରୀ ଶ୍ରୀ ସୌଭାଗ୍ୟଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ଗଣେଶ ବଜାରର ହୀରକ ଜୟନ୍ତୀ ଉତ୍ସବର ୮ମ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ କହିଲେ, ଢେଙ୍କାନାଳ ଜିଲାର ଐତିହ୍ୟ, ସଂସ୍କୃତି ସମଗ୍ର ରାଜ୍ୟରେ ବିରଳ। ଏଠାକାର ଭାଇଚାରା ଓ ପରମ୍ପରା ମଧ୍ୟ ମହାନ୍। କପିଳାସ, ସପ୍ତଶଯ୍ୟା ଓ ମହିମାଧର୍ମର ପୀଠ ଯୋରନ୍ଦା ଭଳି ଜାତୀୟସ୍ତରରେ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଢେଙ୍କାନାଳର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମା' ଲକ୍ଷ୍ମୀଙ୍କ ଆଶୀର୍ବାଦରେ ଢେଙ୍କାନାଳ ସମୃଦ୍ଧ ହେଉଛି ବୋଲି ପୂର୍ବତନ ଜିଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲା ଓକିଲ ସଂଘ ସଭାପତି ଗୋପାଳଚନ୍ଦ୍ର ପାତ୍ର, ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ ସଭାପତି ରାଜେନ୍ଦ୍ର ଦାସ, ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡା. ରାଜକିଶୋର ସେଠୀ, ସାମାଜିକ କର୍ମୀ କନିଷ୍କ ଦାସ ପ୍ରମୁଖ ଯୋଗଦେଇ ଢେଙ୍କାନାଳ ଜିଲାର ସଂସ୍କୃତି ଓ ପରମ୍ପରା ଏବଂ ପ୍ରସିଦ୍ଧ ଲକ୍ଷ୍ମୀପୂଜାର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ପୂଜା ପ୍ରତିଷ୍ଠାନ ସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଶରତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଢେଙ୍କାନାଳ ନିତା ନୃତ୍ୟାଙ୍ଗନା ଓ ବାଙ୍କୀର ସିଙ୍ଘମ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ସାହୁ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ନିଖୋଜଙ୍କ ମୃତଦେହ ଜବତ

ଅନୁଗୋଳ,୬ା୧୧ (ଅମିତ କୁମାର ସାମଲ)

ଅନୁଗୋଳ ଟାଉନ ଥାନା ଅନ୍ତର୍ଗତ ଏକଘରିଆ ଗ୍ରାମ ନିକଟରୁ ଜଣେ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ନତଡା ଅଞ୍ଚଳର ରତନ ନାଏକ। ସୂଚନା ଅନୁଯାୟୀ, ରତନ ୨ ସ୍ତ୍ରୀ ସୂର୍ଯ୍ୟା ନାଏକ ଓ ରିନା ନାଏକଙ୍କ ସହ ଏକଘରିଆ ଅଞ୍ଚଳରେ ରହୁଥିଲେ। କିଛି ଦିନ ହେବ ରତନ ନିଖୋଜ ଥିବାରୁ ୨ ସ୍ତ୍ରୀ ଖୋଜଖୋଜି କରିଥିଲେ। ସୋମବାର ରତନଙ୍କ ମୃତଦେହ ଗ୍ରାମବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ଥାନା ଅଧିକାରୀ ଏବଂ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ଏ ସମ୍ପର୍କରେ ଥାନା ପକ୍ଷରୁ କୁହାଯାଇଛି, ମୃତକଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ କରାଯାଉଛି।

### ବାର୍‌ହା ଆକ୍ରମଣରେ ୩ ଗୁରୁତର

ବଇଁଣ୍ଡା,୬ା୧୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରା ଗ୍ରାମରେ ସୋମବାର ବାର୍‌ହା ଆକ୍ରମଣରେ ୩ ଜଣ ଗୁରୁତର ହୋଇଛନ୍ତି।




ସେମାନେ ହେଲେ ପାପସରା ଗ୍ରାମର ଦାଶରଥି ସାହୁ, ରବି ସାହୁ, ଗଣେଶ୍ୱର ସାହୁ। ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ର ପରେ କିଶୋରନଗର ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ଦାଶରଥି ଓ ରବି, ଗଣେଶ୍ୱର ନିଜ ବାଡିରେ କାମ କରୁଥିବାବେଳେ ଏକ ବାରହା ଆସି ସେମାନଙ୍କୁ ଆକ୍ରମଣ କରିଥିଲା। ତୁରନ୍ତ ଗୁରୁତରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



ଅନୁଗୋଳରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଅନ୍ୟମାନେ।



ବଅଁରପାଳରେ ଆୟୋଜିତ କାର୍ଯ୍ୟକ୍ରମ।



ବଇଁଣ୍ଡାରେ ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧି।



ପାଲଲହଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମ।

# ଆମ ଓଡ଼ିଶା ନବୀନ ଓଡ଼ିଶାକୁ ନେଇ ଅନୁଗୋଳରେ ଉତ୍ସାହ

ଅନୁଗୋଳ,୬ା୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାର ଶୁଭାରମ୍ଭ ହୋଇଥିବାରୁ ଏ ନେଇ ବିଭିନ୍ନ ବ୍ଲକର ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଜିଲାର ସମସ୍ତ ବ୍ଲକରେ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ଏହି ଯୋଜନାରେ ଜିଲାରେ ମୋଟ ୧୧୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ୨ହଜାର ୭୯୬ଟି ଉନ୍ନୟନମୂଳକ ପ୍ରକଳ୍ପ କରାଯିବ। ଅନୁଗୋଳ ବ୍ଲକରେ ଏହି ଯୋଜନାର ଶୁଭାରମ୍ଭ ପାଇଁ ସହରର ବିଜୁ ମଇଦାନ ଠାରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଜିଲାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବହୁ ଅବଦାନ ରହିଛି ବୋଲି ପ୍ରକାଶ କରିଥିଲେ। ସେହିପରି ମାଟିଆସାହି ସରପଞ୍ଚ ସତ୍ୟବ୍ରତ ସାହୁ ଆଭାସି ମାଧ୍ୟମରେ ନିଜ ମତ ପ୍ରକାଶ କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର, ସମସ୍ତ ଜିଲା ପରିଷଦ ସଦସ୍ୟା ସଦସ୍ୟ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅନୁଗୋଳ ବିଡିଓ, ସରପଞ୍ଚ, ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।

ସେହିପରି ପାଲଲହଡ଼ା ବ୍ଲକର ୨୭ ପଞ୍ଚାୟତ ପାଇଁ ୧୩ କୋଟି ୫୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ପାଲଲହଡ଼ାଠାରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ପ୍ରକଳ୍ପର ରୂପରେଖ ଓ ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦିଲୀପ କୁମାର ବାରା, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ଏମ୍‌ବିକେ, ସିଆରପି, ବ୍ୟାଙ୍କ ମିତ୍ର, ପ୍ରାଣୀମିତ୍ର, ମିଶନ ଶକ୍ତିର ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ। ଆଠମଲ୍ଲିକ ବ୍ଲକର ୨୪ ପଞ୍ଚାୟତ ପାଇଁ ୧୨ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ଆଠମଲ୍ଲିକ ଖେଳପଡ଼ିଆରେ ବ୍ଲକ ପ୍ରଶାସନ ତରଫରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ସାଏ, ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଜିଲା ପରିଷଦ ସଦସ୍ୟା, ସରପଞ୍ଚ, ସମିତି ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ, ଜନସାଧାରଣ ଯୋଗଦେଇଥିଲେ। କିଶୋରନଗର ବ୍ଲକର ୨୩ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ୧୧ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଅଙ୍ଗପଡା ସରପଞ୍ଚ ଜିତେନ୍ଦ୍ର ସାହୁ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଆଠମଲ୍ଲିକ ଉପଜିଲାପାଳ ଜିତେନ୍ଦ୍ର ପାତ୍ର, ବିଡିଓ ବିନୋଦ ବିହାରୀ ବେହେରା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନ, ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନଙ୍କ ସମେତ ୨୩ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଯୋଗ ଦେଇଥିଲେ। ଛେଣ୍ଡିପଦା ବ୍ଲକର ୩୪ଟି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ୧୭ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ତହସିଲ ନିକଟ ଜଗନ୍ନାଥ ମନ୍ଦିର ସମ୍ମୁଖ ପଡ଼ିଆରେ ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ତ୍ରିବିକ୍ରମ କୁମରା, ଜିଲାପରିଷଦ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲାପରିଷଦ ସଦସ୍ୟାସଦସ୍ୟ, ସରପଞ୍ଚ, ସମିତିସଭ୍ୟ, ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ତାଳଚେର ବ୍ଲକର ୨୧ଟି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ୧୧କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏଥିସହ ତାଳଚେରରେ ମେଡିକାଲ କଲେଜ ଅତି ଶୀଘ୍ର ଖୋଲିବ ବୋଲି ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ତାଳଚେର ପ୍ରଜାମଣ୍ଡଳ ଭବନ ପରିସରରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟମନ୍ତ୍ରୀ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ପାଣ୍ଡିଆନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗରପାଳ ପବିତ୍ର ଭୂତିଆ, ବ୍ଲକ ଅଧ୍ୟକ୍ଷା ଏସ. ମହାନ୍ତି, ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିନ୍ମୟୀ ଚେତନା ଦାସ, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ବଅଁରପାଳ ବ୍ଲକର ୩୫ଟି ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ୧୭ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପିବିକେ ହାଇସ୍କୁଲ ଖେଳ ପଡିଆ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ନାଥ, ଗୋତମରା ସରପଞ୍ଚ ମଣ୍ଟୁ ବରାହ, କଞ୍ଚରା ସରପଞ୍ଚ, ଡୁବେ ସରପଞ୍ଚ ଅନିଲ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି କଣିହାଁ ବ୍ଲକର ୨୭ଟି ପଞ୍ଚାୟତରେ ୩୩୬ ପ୍ରକଳ୍ପ ପାଇଁ ୧୩ କୋଟି ୫୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। କଣିହାଁ ବ୍ଲକର ଟୋଲକବେଡା ଖେଳ ପଡିଆ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଦେବଦତ୍ତ ପ୍ରଧାନ ଏହାକୁ ପରିଚାଳନା କରିଥିବା ବେଳେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ରଶ୍ମିତା ବେହେରା, ଅନୁଗୋଳ ଏଡିଏମ ପ୍ରତାପ ପ୍ରୀତିମୟ, ପିଡି ଫାଇନାନ୍ସ ଅବିନାଶ ମହାନ୍ତି, ତହସିଲଦାର ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଛେଣ୍ଡିପଦାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।



କଣିହାଁ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ।



ତାଳଚେରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

## ପାଲଲହଡ଼ାରେ ଧୁମଧାମରେ ଗଜଲକ୍ଷ୍ମୀ ପୂଜା

ପାଲଲହଡ଼ା,୬ା୧୧ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସଦରମହକୁମାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ଚାଲିଛି। ଶାସନସାହି, କଦମ୍ବ ଚଉକ, ଉଦୟପୁର, ଉଦିତନଗର, ସ୍କୁଲସାହି, ପୁରୁଣାଗଉଡ଼ ସାହି, କଚେରି ସାହି, ନୂଆ ବସ୍‌ଷ୍ଟାଣ୍ଡ, ସାମନ୍ତ ସାହି ଏବଂ ରାମ ମନ୍ଦିର ଛକ ଆଦି ପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଇଥିବା ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକ ମାଳାରେ ସହର ଝଲସି ଉଠୁଛି। ମା'ଙ୍କ ମୂର୍ତ୍ତି ଏବଂ ମେଢ଼ ଆକର୍ଷଣୀୟ ହୋଇଛି। ବିଭିନ୍ନ ପୂଜା କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ ଜମୁଛି। ମିନାବଜାର, ଦୋଳି, ମେଲୋଡି ଏବଂ ଅପେରା ଆଦି ପୂଜା ବଜାରକୁ ଆହୁରି ଆକର୍ଷଣୀୟ କରିଛି। ଆସନ୍ତା ୮ ତାରିଖରେ ମା'ଙ୍କ ମେଳଣ ସହ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ।



ପାଲଲହଡ଼ା ସହରସ୍ଥିତ କଦମଚୌକ ମେଢ଼।



ପାଲଲହଡ଼ା ଶାସନସାହିସ୍ଥିତ ମା' ଗଜଲକ୍ଷ୍ମୀଙ୍କ ମେଢ଼।

## ପରିବାରରୁ ଶିଶୁଙ୍କୁ ଭଲ ସଂସ୍କାର ମିଳୁ



ମାତୃ ସମ୍ମିଳନୀରେ ଯୋଗଦେଇଥିବା ଅତିଥିଙ୍କ ସହ ମା'ମାନେ।

ବଇଣ୍ଡା,୬ା୧୧ (ପରିକ୍ଷିତ ସାହୁ)

ପରିବାରରୁ ଭଲ ସଂସ୍କାର ଶିକ୍ଷା ପାଇଲେ ଶିଶୁଟିଏ ଭଲ ବ୍ୟବହାର ପ୍ରଦର୍ଶନ କରିଥାଏ। ତେଣୁ ଶିଶୁମାନଙ୍କୁ ଭଲ ଶିକ୍ଷା ଦେବାରେ ମା'ଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଶନିବାର ଆଠମଲ୍ଲିକ ବ୍ଲକ ସାନହୁଲାର ଶ୍ରୀ ଗଣେଶ ଶିଶୁ ବିଦ୍ୟା ମନ୍ଦିରର ମାତୃ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସନ୍ଧ୍ୟାରାଣୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କୃଷି ଅଧିକାରୀ ଗୁଣନିଧି ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା ସଭାପତି ବିପ୍ର ଚରଣ ପ୍ରଧାନ, ସମ୍ପାଦକ ଅରୁଣ କୁମାର ସାହୁ, ତ୍ରିଲୋଚନ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥିରେ ୬୦ ଜଣ ମା ଯୋଗ ଦେଇଥିଲେ। ଅନସୂୟା ସାହୁ, ବିଜୟନୀ ସାହୁ, ମାଳତି ବେହେରା, ଦୀପାଞ୍ଜଳି ପ୍ରଧାନ, ବାଙ୍କବିହାରୀ ସାହୁ, ରୋହିନ ନାୟକ ସହଯୋଗ କରିଥିଲେ।

## ଲୋକଙ୍କ ମୌଳିକ ଆବଶ୍ୟକତା ଉପରେ ଗୁରୁତ୍ୱ

କଣିହାଁ,୬ା୧୧ (ସଚ୍ଚିଦାନନ୍ଦ ପ୍ରଧାନ)

ଏନ୍‌ଟିପିସି କଣିହାଁ ପକ୍ଷରୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆରଏଲ୍‌ଆଇ) ପରିସରରେ ଗତ ଶୁକ୍ରବାର କମ୍ପାନୀ ସାମାଜିକ ଦାୟିତ୍ୱବୋଧ ଯୋଜନାର ହିତଧାରକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏନ.ଏସ. ରାଓ ଯୋଗଦେଇଥିଲେ। ଏଥିରେ ବହୁ ହିତଧାରକଙ୍କ ସହ ବିଜିଗୋଳ ସରପଞ୍ଚ, ଡେରେଙ୍ଗ ସରପଞ୍ଚ, ଗଡ଼ସାହି ସରପଞ୍ଚ, ହରିହରପୁର ସରପଞ୍ଚ, କମରେଇ ସରପଞ୍ଚ ଅଂଶଗ୍ରହଣ କରିଥିଲେ। ଏଥିସହ ନିକଟସ୍ଥ ପ୍ରକଳ୍ପ ପ୍ରଭାବିତ ଗ୍ରାମଗୁଡ଼ିକର ସଭାପତିମାନେ ଉପସ୍ଥିତ ଥିଲେ। ନିକଟବର୍ତ୍ତୀ ଅଞ୍ଚଳରେ କିପରି ବିକାଶ ହୋଇପାରିବ, କମ୍ପାନୀ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକଳାପର ମୂଲ୍ୟାଙ୍କନ, ଲୋକଙ୍କ ମୌଳିକ ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗ୍ରାମୀଣ ଭିତ୍ତିଭୂମି କ୍ଷେତ୍ରରେ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ପକ୍ଷରୁ ନିଆଯାଇଥିବା ବିକାଶମୂଳକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କମ୍ପାନୀର ଏଜିଏମ୍ ସିଏସ୍‌ଆର୍ ରଫିକୁଲ ଇସଲାମ ଅଂଶ ଗ୍ରହଣକାରୀଙ୍କୁ ସମ୍ବୋଧିତ କରି ଏହି ସାକ୍ଷାତକାରର ମହତ୍ତ୍ୱ ଏବଂ ହିତଧାରକଙ୍କ ସାମାଜିକ ଦାୟିତ୍ୱବୋଧ ପ୍ରୟାସକୁ ସମର୍ଥନ କରିବାରେ ପ୍ରମୁଖ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ମାନବସମ୍ବଳ ମୁଖ୍ୟ ବି.କେ ପାଣ୍ଡେ ସ୍ଥାନୀୟ ଅଞ୍ଚଳ ପାଇଁ କମ୍ପାନୀ ପକ୍ଷରୁ ନିଆଯାଇଥିବା ବିଭିନ୍ନ ବିକାଶମୂଳକ ପଦକ୍ଷେପ ଉପରେ ମତପ୍ରକାଶ କରିଥିଲେ।



## ଶଙ୍କରାଚାର୍ଯ୍ୟଙ୍କ ବାଣୀ ଉପରେ ଗୁରୁତ୍ୱ

ତାଳଚେର,୬ା୧୧ (ମନୋଜ ନନ୍ଦ)

ପୁରୀ ଗୋବର୍ଦ୍ଧନ ପୀଠ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ପୀଠ ପରିଷଦ, ଆଦିତ୍ୟ ବାହିନୀ, ଆନନ୍ଦ ବାହିନୀ ତାଳଚେର ଶାଖାର କାର୍ଯ୍ୟକାରିଣୀ ବୈଠକ ହାଣ୍ଡିଧୂଆଁ ସାହେବ ବଙ୍ଗଳାସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଚିବ ବରୁଣ କୁମାର ସାହୁଙ୍କ ସଂଯୋଜନାରେ ଆଦିତ୍ୟ ବାହିନୀ ତାଳଚେର ଶାଖା ସଭାପତି ବୃନ୍ଦାବନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଗୋବର୍ଦ୍ଧନ ପୀଠର ସମ୍ପର୍କ ପ୍ରମୁଖ ସୌରୀ ରଞ୍ଜନ ପଣ୍ଡା ଯୋଗଦେଇ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଭାରତକୁ ହିନ୍ଦୁରାଷ୍ଟ୍ର ଭାବେ ପରିଣତ କରିବା ପାଇଁ ଯେଉଁ ଦିଗଦର୍ଶନ ଦେଇଛନ୍ତି ସେ ଦିଗରେ କାର୍ଯ୍ୟ ସମ୍ପାଦନ କରିବା ଉପରେ ସମସ୍ତେ ଗୁରୁତ୍ୱ ଦେବା ପାଇଁ ପ୍ରକାଶ କରିଥିଲେ। କ୍ଷେତ୍ରୀୟ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ଯୋଗଦେଇ ଯୁବକମାନଙ୍କୁ ସେବା କାର୍ଯ୍ୟରେ ନିୟୋଜିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶାଖା ମୁଖ୍ୟ ବାସୁଦେବ ହୋତା ଯୋଗଦେଇ ସଙ୍ଗଠନକୁ ସୁଦୃଢ଼ କରିବା ଉପରେ ମତ ଦେଇଥିଲେ। ଅନ୍ୟତମ ସଦସ୍ୟ ପର୍ଶୁରାମ ବାରିକ ଯୋଗଦେଇ ସେବାମୂଳକ କାର୍ଯ୍ୟ ଉପରେ ମତ ପ୍ରକାଶ କରିଥିଲେ। ସଙ୍ଗଠନ ସମ୍ପାଦକ ବରୁଣ ସାହୁ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ସଭାପତି ବୃନ୍ଦାବନ ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଆଦିତ୍ୟ ବାହିନୀ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଉପାଧ୍ୟକ୍ଷ ଜଗଦୀଶ ମିଶ୍ର, ସଚିବ ବିକାଶ କୁମାର ସାହୁ, ସହସଚିବ ଅମିତ ପ୍ରଧାନ, କୋଷାଧ୍ୟକ୍ଷ ଜ୍ୟୋତିର୍ମୟ ରଥ, ସଙ୍ଗଠନ ସଚିବ ଅମୂଲ୍ୟ ସାହୁ, ଦିପୁ ସାହୁ ଓ ଚର୍ଚ୍ଚିଲ ସାହୁ ପ୍ରମୁଖଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ ଅନ୍ୟମାନେ।

## ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ



ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟସ ପ୍ରତିଯୋଗିତା ଉଦ୍‌ଘାଟନୀ ମଞ୍ଚରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୬ା୧୧ (ଅମିତ କୁମାର ସାମଲ)

ଅନୁଗୋଳ ସହର ଗାନ୍ଧୀମାର୍ଗ ସ୍ଥିତ ସରସତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଓଡ଼ିଶା ମିଲେଟସ ପ୍ରତିଯୋଗିତା ୨୦୨୩ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ମୁଖ୍ୟବକ୍ତା ଭାବେବ୍ୟଙ୍ଗ କବି ଡକ୍ଟର ଜ୍ଞାନ ହୋତା, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ଜିଲ୍ଲା କୃଷି ଅଧିକାରୀ ଜ୍ୟୋତିଦୀପ୍ତ ପଟ୍ଟନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ କୁମାର ପାତ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୬ଟି ବିଭାଗରେ କନିଷ୍ଠ, ମଧ୍ୟମ ଓ ବରିଷ୍ଠ ବର୍ଗର ସର୍ବମୋଟ ୪୫୫ ଜଣ ଛାତ୍ରଛାତ୍ରୀ, ୩୨ ଗାଇଡ ଶିକ୍ଷକ, ୫୪ ଆଞ୍ଚଳିକ ସାଧାନକେନ୍ଦ୍ର ସଂଯୋଜକ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମେତ ସର୍ବମୋଟ ୫୬୦ ଜଣ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଉପଜିଲାପାଳ ମହାନ୍ତି ପାଠ ସହିତ ସହ ଶୈକ୍ଷିକ କାର୍ଯ୍ୟକ୍ରମରେ ରୁଚି ରଖିଲେ ଠିକ ବିକାଶ ହୋଇ ପାରିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜିଲା କୃଷି ଅଧିକାରୀ ପଟ୍ଟନାୟକ ମାଣ୍ଡିଆର ପୌଷ୍ଟିକତା ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ମୁଖ୍ୟବକ୍ତା ଡ. ହୋତା ଡାକ୍ତର କିମ୍ବା ଇଞ୍ଜିନିୟର ହେବା ସହିତ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଶିଶୁ ମହୋତ୍ସବ ସୁରଭିରେ ଭାଗନେବେ।

# ୨୯ ହଜାର ଟଙ୍କାରେ ଆଞ୍ଜାଲଡୁ ନିଲାମ

ବଅଁରପାଳ,୬।୧୧ (ଉପେନ୍ଦ୍ର ରାଉତ)

ବଅଁରପାଳ ବ୍ଲକ ସନ୍ତ୍ରୀଛକ (ନୂଆହତା) ଧନଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ରବିବାର ପ୍ରଥମ ଥର ମା'ଙ୍କ ଆଞ୍ଜାଲଡୁ ନିଲାମର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତିରେ ପୂଜାକମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଆଞ୍ଜାଲଡୁ ନିଲାମ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବଅଁରପାଳ ବଣିକ ମହାସଂଘର ସମ୍ପାଦକ ଅଖିଳ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ମହାସଂଘ ଉପଦେଷ୍ଟା ଖଗେଶ୍ୱର ପରିଡା, କୋଷାଧ୍ୟକ୍ଷ ବିଜୟ କୁମାର ସାମଲ ଯୋଗ ଦେଇଥିଲେ। ସ୍ଥାନୀୟ ବଜାରର ବ୍ୟବସାୟୀ ପ୍ରତାପ କୁମାର ସାହୁ ୨୯ ହଜାର ଟଙ୍କାରେ ଆଞ୍ଜାଲଡୁ ନିଲାମ ନେଇଥିଲେ। ବଜାର କମିଟି ସଭାପତି ଗୌରଚନ୍ଦ୍ର ପ୍ରଧାନ, ସମ୍ପାଦକ ସଂଗ୍ରାମ କେଶରୀ ସାମଲ, କୋଷାଧ୍ୟକ୍ଷ ଶକ୍ତି ରାଉତଙ୍କ ସମେତ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଅତିଥିମାନେ ଅଞ୍ଜାଲଡୁ ସହ ଏକ ରୂପାର ଲକ୍ଷ୍ମୀମୂର୍ତ୍ତି ପ୍ରଦାନ କରିଥିଲେ। ପ୍ରଥମ ଥର ପାଇଁ ଅଞ୍ଜାଲଡୁ ନିଲାମ ହେଉଥିବାରୁ ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ସଦସ୍ୟ ସୁଶାନ୍ତ କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ।


ସନ୍ତ୍ରୀଛକ (ନୂଆହତା) ଧନଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଆଞ୍ଜାଲଡୁ ନିଲାମ କରାଯାଉଛି।

# ମତୁଆଲା କଲେ ଇରା, ସ୍ମିତା

## ଅନୁଗୋଳ ଲକ୍ଷ୍ମୀ ପୂଜାରେ ଜମିଲା ଓଲିଉଡ ନାଇଟ୍


ଗାୟିକା ଇରା ମହାନ୍ତି।

ଅନୁଗୋଳ,୬।୧୧ (ଅମିତ କୁମାର ସାମଲ)

ଲକ୍ଷ୍ମୀ ପୂଜା ପାଇଁ ଅନୁଗୋଳ ସହରରେ ଦୈନିକ ଭିଡ଼ ବଢ଼ିବାରେ ଲାଗିଛି। ବିଶେଷକରି ବିଭିନ୍ନ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଥିବାରୁ ତାହା ଦେଖିବାକୁ ପ୍ରତି ସନ୍ଧ୍ୟାରେ ସହରରେ ଗହଳି ଜମିଯାଉଛି। ଓଲିଉଡର କଳାକାର, ଗୀତିକାରଙ୍କୁ ଅତି ନିକଟରୁ ଦେଖିବା, ଅଭିନୟ, ଗୀତ ଶୁଣିବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଛି। ବିଶେଷକରି ପୂଜା ମାହୋଲ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଓଲିଉଡ୍ ଷ୍ଟାର ନାଇଟ ପ୍ରତି ଲୋକଙ୍କ ଆକର୍ଷଣ ଆହୁରି ବଢ଼ିବାରେ ଲାଗିଛି। ପୂଜାର ଦଶମ ଦିନରେ ଓଡ଼ିଶାର ମେଲୋଡି କଣ୍ଠଶିଳ୍ପୀ ଇରା ମହାନ୍ତି ହୁଲୁରିସିଂହା ପୂଜା ମଣ୍ଡପରେ ଦର୍ଶକଙ୍କୁ ମତୁଆଲା କରିଥିଲେ। ଗୋଟିଏ ପରେ ଗୋଟିଏ ଓଲିଉଡର ହିଟ୍ ଗୀତ ଗାଇ ଦର୍ଶକଙ୍କୁ ପୂରା ଝୁମାଇ ଦେଇଥିଲେ। ସେହିଭଳି ଅମଲାପଡା ପୂଜା କମିଟିରେ ସ୍ମିତା ପଣ୍ଡା ସମ୍ବଲପୁରୀ ଓ ଆଧୁନିକ ସଙ୍ଗୀତରେ ଦର୍ଶକଙ୍କ ମନ ମୋହି ନେଇଥିଲେ। ଏଥିସହ ଅନ୍ୟ ମଣ୍ଡପ ଗୁଡିକରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।


ଗାୟିକା ସ୍ମିତା ପଣ୍ଡା।

# ୧୦ ଫୁଟ୍ ଲମ୍ବର ଅଜଗର ଉଦ୍ଧାର


ରେସକ୍ୟୁ ଟିମର ସଦସ୍ୟମାନେ ଉଦ୍ଧାର କରିଥିବା ଅଜଗର।

କାମାକ୍ଷାନଗର,୬।୧୧ (ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ଆଳତୁମାରୁ ରବିବାର ଏକ ୧୦ଫୁଟ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। କାଳିଆ ଢ଼ାବା ପଛପଟରେ ଥିବା ଏକ ପେଟି କେନାଲରୁ ଅଜଗରଟି ବାହାରି ରାସ୍ତା ପାର ହେଉଥିବା ସମୟରେ ସୁମନ ମହାନ୍ତି କାମାକ୍ଷାନଗର ସ୍ନେକ ଉଦ୍ଧାର ଟିମ୍‌କୁ ସୂଚନା ଦେଇଥିଲେ। ଖବରପାଇ ରେସକ୍ୟୁ ଟିମ୍‌ର ସଦସ୍ୟ ଆଶୁତୋଷ ନାୟକ, ସତ୍ୟପ୍ରକାଶ ନାୟକ, ସୌଭାଗ୍ୟ ନାୟକ, ସୌମ୍ୟ ରଞ୍ଜନ ସୁବୁଦ୍ଧି ଓ ରିଶିକାନ୍ତ ନାଥ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପଶ୍ଚିମାଞ୍ଚଳ ରେଞ୍ଜର କୈଳାସ ସାହୁଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ସାପଟିକୁ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯାଇଛି।

# ପରମ୍ପରା ବଞ୍ଚାଇଛି ସଂକୀର୍ତ୍ତନ

ବଇଣ୍ଡା,୬।୧୧ (ପରିକ୍ଷିତ ସାହୁ)

ପ୍ରତ୍ୟେକ ଗାଁରେ ନାମ ସଂକୀର୍ତ୍ତନ ମଣ୍ଡଳୀ ରହିଛି। ଏହି ସଂକୀର୍ତ୍ତନ ଯୋଗୁ ପୂଜା ପାର୍ବଣରେ ଅଞ୍ଚଳରେ ଏକ ଅଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ଏପରିକି ପରମ୍ପରା ବଞ୍ଚି ରହିବା ସହ ଏହି କଳା ଯୋଗୁ ଅନେକ କଳାକାର ସେମାନଙ୍କ ପରିଚୟ ସୃଷ୍ଟି କରିପାରୁଛନ୍ତି ବୋଲି ଶନିବାର ଆଠମଲ୍ଲିକ ବ୍ଲକ ସାପଘରା ଖେଳ ପଡିଆଠାରେ କାଶୀବିଶ୍ୱନାଥ ନଦିଆଁ ମହାସଂଘ ପାଇକସାହିର ନବମ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ମହାସଂଘ ସଭାପତି ବ୍ରଜବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପ ଜିଲାପାଳ ଜିତେନ୍ଦ୍ର କୁମାର ପାତ୍ର, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ବିଧାୟକ ସଞ୍ଜୀବ କୁମାର ସାହୁ, ସାମାଜିକ କର୍ମୀ ଅର୍ଜୁନ ସାହୁ, ସଂଘ ସମ୍ପାଦକ ଯୁଧିଷ୍ଠିର ନାୟକ, ଉପ ସଭାପତି ସର୍ବେଶ୍ୱର ପ୍ରଧାନ, ସହ ସମ୍ପାଦକ ନିର୍ମଳ ସାହୁ, ଯଦୁମଣି ନାୟକ, ପ୍ରଭାତ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ସନ୍ତୋଷ ସାହୁ, ସତ୍ୟାନନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଯଜ୍ଞରେ ପାଇକସାହି ସରପଞ୍ଚ ନିରୋଜ କାନ୍ତ ସାହୁ, ସାପଘରା ସରପଞ୍ଚ କୈଳାଶ ଚନ୍ଦ୍ର ସାହୁ କର୍ତ୍ତା ଭାବେ ଯୋଗ ଦେଇଥିଲେ। ଅନ୍ତୁଲିଆ, କନ୍ତପଡା, ମଇମୁରା, ପାଇକସାହି, ସାପଘରା, ଟାପଢୋଲ, ସାନହୁଲା ଆଦି ପଞ୍ଚାୟତର ୩୩ଟି ସଂକୀର୍ତନ ମଣ୍ଡଳୀର କଳାକାର ଅଂଶଗ୍ରହଣ କରିଥିଲେ। ମଳୟ ନନ୍ଦ, ଜଗତ ମୋହନ ମିଶ୍ର, ପୂଜା କରିଥିଲେ। ପଙ୍କଜ ବେହେରା, ସଞ୍ଜୟ ସାହୁ, ଖଗେଶ୍ୱର ବେହେରା, ଶ୍ରୀପତି ସାହୁ, କୁଳମଣି ବେହେରା, ସାଗର ନାୟକ, ସୁମନ୍ତ ନାୟକ ସହଯୋଗ କରିଥିଲେ।



# କାମାକ୍ଷାନଗରରେ ଷ୍ଟାମ୍ପ ପେପର ଅଭାବ

କାମାକ୍ଷାନଗର,୬।୧୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗରରେ କଚେରି ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ଲାଗୁଥିବା ଷ୍ଟାମ୍ପ୍ ପେପରର ଅଭାବ ଦେଖାଦେଇଛି। ଏପରିକି ୩ଜଣ ଷ୍ଟାମ୍ପଭେଣ୍ଡର ନିଯୁକ୍ତି ଥାଇ ମଧ୍ୟ ଆବଶ୍ୟକ ଷ୍ଟାମ୍ପ ପେପରଗୁଡ଼ିକ ବର୍ତ୍ତମାନ ମିଳୁ ନ ଥିବାବେଳେ ଶହେ ଟଙ୍କିଆ ଷ୍ଟାମ୍ପ ପେପର ଏକ ମାସରୁ ଊର୍ଦ୍ଧ୍ୱ ସମୟ ହେବ ମିଳୁ ନ ଥିବା ଅଭିଯୋଗ ହୋଇଛି। ଜମିବାଡି କିଣାବିକା ସଂକ୍ରାନ୍ତରେ ୫ ହଜାର ଟଙ୍କିଆ ପେପର ଆଦୌ ମିଳୁନାହିଁ। ଫଳରେ ସାଧାରଣ ଲୋକେ ପେପର ପାଇଁ ଢେଙ୍କାନାଳ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। କାମାକ୍ଷାନଗର ଏକ ସବ୍‌ଡିଭିଜନ ହୋଇଥିଲେ ମଧ୍ୟ ଷ୍ଟାମ୍ପ୍ ପେପର ମିଳୁ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଷ୍ଟାମ୍ପ ପେପର ଅଭାବକୁ ଉପକୋଷାଗାର ଅଧିକାରୀ ସ୍ୱୀକାର କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବାକୁ ବୁଦ୍ଧିଜୀବୀ ଓ ଜନସାଧାରଣରେ ଦାବି ହୋଇଛି।

# ନକଲି ଡାକ୍ତର ଗିରଫ, ଅନ୍ୟ ଜଣେ ଫେରାର

କାମାକ୍ଷାନଗର,୬।୧୧ (ସୁଧୀର କୁମାର ପରିଡା)



ବିନା ଡାକ୍ତରୀ ପାଠ ପଢାରେ କରୁଥିଲେ ଚିକିତ୍ସା। ଦୀର୍ଘବର୍ଷ ଧରି ସ୍ୱାସ୍ଥ୍ୟସେବା ନାଁରେ ନିରୀହ ଲୋକଙ୍କୁ କରୁଥିଲେ ଶୋଷଣ। ଏପରି ଅଭିଯୋଗ ଆସିବା ପରେ କଙ୍କଡାହାଡ଼ ପୋଲିସ ସମ୍ପୃକ୍ତ ନକଲି ଡାକ୍ତରଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ପଶ୍ଚିମବଙ୍ଗ ରାଜ୍ୟର ରାକେଶ ବିଶ୍ୱାସ। ପୋଲିସ କହିଛି, ଦୀର୍ଘବର୍ଷ ହେବ ରାକେଶ ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକ କେରଜୁଳି ପଞ୍ଚାୟତ କାର୍ଯ୍ୟାଳୟ ପାଖରେ କ୍ଲିନିକ୍ କରି ରୋଗୀ ସେବା କରୁଥିଲେ। ଏହି ଅଭିଯୋଗ ଆସିବା ପରେ କଙ୍କଡାହାଡ଼ ଥାନା ଅଧିକାରୀ କଳ୍ପନା ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ରବିବାର କ୍ଲିନିକ୍‌ରେ ଚଢାଉ କରି ରାକେଶଙ୍କୁ ଅଟକ ରଖିଥିଲେ। ସୋମବାର କଙ୍କଡାହାଡ଼ ଥାନାରେ ଟୁକୁନ ବିଶ୍ୱାଳ, ରଞ୍ଜିତ କୁମାର ସାହୁ ରାକେଶଙ୍କ ନାଁରେ ଅଭିଯୋଗ କଲା ପରେ ପୋଲିସ ଘଟଣାର ତଦନ୍ତ କରି ରାକେଶଙ୍କୁ ଗିରଫ କରିଛି। ଏଥିସହିତ ତାଙ୍କ କ୍ଲିନିକ୍‌ରୁ ଔଷଧ ଓ ଅନ୍ୟାନ୍ୟ କାଗଜପତ୍ର ଜବତ କରିଛି। ସେହିପରି ରୋଢ଼ଙ୍ଗ ଗ୍ରାମରେ ପଶ୍ଚିମବଙ୍ଗ ରାଜ୍ୟର ଅନ୍ୟ ଜଣେ ନକଲି ଡାକ୍ତର ସୋମନ ସରକାର ସ୍ୱାସ୍ଥ୍ୟସେବା କରୁଥିବା ଖବରପାଇ ପୋଲିସ କ୍ଲିନିକ୍‌ରେ ଚଢାଉ କରିଥିଲା। ହେଲେ ସୋମନ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, ଅଭିଯୋଗ ଆଧାରରେ ନକଲି ଡାକ୍ତର ରାକେଶଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତ ସୋମନ ସରକାର ଫେରାର ହୋଇଯାଇଛନ୍ତି। ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଛନ୍ତି, ନକଲି ଡାକ୍ତରଙ୍କୁ ଗିରଫ କରାଯାଇଛି। ଯେଉଁଠି ଏଭଳି ନକଲି ଡାକ୍ତର ଥିବେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦିଲୀପ କୁମାର ବିଶ୍ୱାଳ କହିଛନ୍ତି, ଲୋକମାନଙ୍କୁ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ ଯୋଜନା ଉପରେ ସଚେତନ କରାଯାଉଛି। କିନ୍ତୁ ବେଳେବେଳେ ଲୋକମାନେ ଏଭଳିଆ ଠକ ଲୋକଙ୍କ ଶିକାର ହେଉଛନ୍ତି।

# ୨୬ ଅଭିଯୋଗ ଶୁଣିଲେ ଜିଲାପାଳ

କାମାକ୍ଷାନଗର,୬।୧୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକ ଉପସ୍ଥିତ ରହି ୨୬ ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରେ ୨ଟି ସ୍ୱସ୍ଥ୍ୟ ସମସ୍ୟା, ୩ଟି ମିଳିତ ସମସ୍ୟା, ୧୧ଟି ଜମି ପଟା ସମସ୍ୟା, ୧୦ଟି ଅନ୍ୟାନ୍ୟ ସମସ୍ୟା ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ସାହୁ, କାମାକ୍ଷାନଗର ଉପ ଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, କଙ୍କଡ଼ାହାଡ଼ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ବ୍ଲକ ଉପାଧ୍ୟକ୍ଷା ଦୀପା ସାହୁ, ବିଡିଓ ଯଶୋବନ୍ତ ଦେହୁରୀ, ସିଡିଏମଓ, ଏସ୍‌ଡିପିଓ, ଜିଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକରୀ ଉପସ୍ଥିତ ଥିଲେ। ଜିଲାପାଳ ରେଡକ୍ରସ୍ ପାଣ୍ଠିରୁ ଦୁଇ ଜଣଙ୍କୁ ୮ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।


ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟମାନେ।

# ସତର୍କତା ସପ୍ତାହ ପାଳନ ଉପଲକ୍ଷେ ପଦଯାତ୍ରା



ବଅଁରପାଳ,୬।୧୧ (ଉପେନ୍ଦ୍ର ରାଉତ)

ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ନାଲ୍‌କୋର ସ୍ମେଲ୍ଟର ଓ ସିପିପି କାରଖାନାଠାରେ ଅକ୍ଟୋବର ୩୧ ତାରିଖରୁ ନଭେମ୍ବର ୫ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଭିଜିଲାନ୍ସ ସତର୍କତା ସପ୍ତାହ ପାଳିତ ହୋଇଯାଇଛି। ଏହି ସତର୍କତା ସପ୍ତାହ ପାଳନର ଶେଷ ପର୍ଯ୍ୟାୟରେ ସୋମବାର ସକାଳୁ ଏକ ଗଣ ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ପଦଯାତ୍ରାରେ ନାଲ୍‌କୋ ସିପିପି ଓ ସ୍ମେଲ୍ଟର କାରଖାନାର ଉଚ୍ଚ ପଦାଧିକାରୀଗଣ, ଜିଜିଏମ୍ ସିପିପି ମନୋରଞ୍ଜନ ଆଚାର୍ଯ୍ୟ, ଡିଜିଏମ, କର୍ମଚାରୀ, ସମସ୍ତ ସଙ୍ଗଠନ କର୍ମକର୍ତ୍ତା, ସିଆଇଏସଏଫ ଯବାନ ତଥା ଅଧିକାରୀ, ଡିପିଏସ୍ ସ୍କୁଲର ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ନାଲ୍‌କୋର ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଅଶୋକ କୁମାର ଦାସ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ସପ୍ତାହ ବ୍ୟାପୀ ସତର୍କତା ସପ୍ତାହ ପାଳନ ଉପଲକ୍ଷେ ଏସଆଣ୍ଡପି କମ୍ପ୍ଲେକ୍ସର ଭିଜିଲାନ୍ସ ବିଭାଗ ତରଫରୁ ବିଭିନ୍ନ ସ୍କୁଲ ଓ କଲେଜରେ ସତର୍କତା ସମ୍ବନ୍ଧୀୟ ସେମିନାର ଓ ଆଲୋଚନାଚକ୍ର ଆୟୋଜନ ହୋଇଥିଲା। ପାର୍ଶ୍ୱବର୍ତ୍ତୀ ସ୍କୁଲ ଓ କଲେଜ ମାନଙ୍କରେ ଉକ୍ତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହାର ସଫଳତା ଦିଗରେ ମାନବ ସମ୍ବଳ ଉପ ମହାପ୍ରବନ୍ଧକ ସ୍ୱାଗାତୁ ବାସୁ, ମନୀଷ ମଟୋ ଲିୟା, ଲୋକ ସମ୍ପର୍କ ପ୍ରମୁଖ ଶୀତଳ ସମୀର ମାଝି, ମଧୁସ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ମନ୍ଦିରରେ ପଡ଼ିଲା ଛାତ, ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

କାମାକ୍ଷାନଗର,୬।୧୧ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରସ୍ଥିତ ଆଳତୁମା ଗ୍ରାମରେ ଥିବା ୫୦୦ ବର୍ଷର ପୁରାତନ ଦଧିବାମନ ଜୀଉ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଛି। ସୋମବାର ଗ୍ରାମର ଗଜପତି ତଥା ପ୍ରଭୁ ଦଧିବାମନଙ୍କ ପ୍ରଥମ ସେବକ ପୂଜ୍ୟ ନରେଶ ଚନ୍ଦ୍ର ପଟ୍ଟନାୟକଙ୍କ କରକମଳରେ ପୂଜାପାଠ କରାଯାଇ ମନ୍ଦିର ଗର୍ଭଗୃହରେ ଛାତ ପକାଯାଇଛି। ମନ୍ଦିରର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଫାଉଣ୍ଡେଶନଠାରୁ ଆରମ୍ଭ କରି ଛାତ ପତନ ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ମନ୍ଦିର ଗର୍ଭଗୃହରେ ଛାତ ପଡିଛି। ଏଥିପାଇଁ ଗ୍ରାମର ଗଜପତି, ଗ୍ରାମର ମନ୍ଦିର କମିଟି, ଗାଁ ସଭାପତି ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।


ମନ୍ଦିରରେ ଛାତ ପକାଯିବା କାର୍ଯ୍ୟର ଶୁଭାରମ୍ଭ କରାଯାଉଛି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

କାମାକ୍ଷାନଗର,୬।୧୧ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲାପାଳ ମନୋରଞ୍ଜନ ମଲ୍ଲିକ ସୋମବାର କାମାକ୍ଷାନଗର ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ପ୍ରଥମେ ଜିଲାପାଳ କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ସହିତ ଉପଖଣ୍ଡର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ପରେ ଜିଲାପାଳ କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ଓ କଙ୍କଡ଼ାହାଡଠାରେ ହେବାକୁ ଥିବା ଆମ ଓ ନବୀନ ଓଡିଶା କାର୍ଯ୍ୟକ୍ରମର ପ୍ରସ୍ତୁତି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଭାତ କୁମାର ତ୍ରିପାଠୀ, ବିଡିଓ ଅବିନାଶ ପାଣ୍ଡିଆ, ଯଶୋବନ୍ତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାଲଲହଡ଼ା ଫୁଟ୍‌ବଲ କପ୍: ସମ୍ବଲପୁର ଚାମ୍ପିୟନ

ପାଲଲହଡା,୬।୧୧ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ପାଲଲହଡା ଫୁଟବଲ କପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ଫୁଟ୍‌ବଲ୍ କ୍ଲବ ୧-୦ ଗୋଲରେ କିଷାନ ବ୍ରଦର ସୁନ୍ଦରଗଡକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ମୁକେଶ ପାଲ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ, ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝି, ପାଲଲହଡ଼ା କପ ଅଧ୍ୟକ୍ଷ ସୁଧାଂଶୁ କପରଦାର, ଅନୁଗୋଳ ଜିଲା କ୍ରୀଡା ସଂସଦ ସମ୍ପାଦକ, ସଭାପତି ଯୋଗଦେଇଥିଲେ। ଚାମ୍ପିୟନ ସମ୍ବଲପୁର ଦଳକୁ ଟ୍ରଫି ସହିତ ୪୫ ହଜାର ଟଙ୍କା ଏବଂ ସୁନ୍ଦରଗଡ ଦଳକୁ ଟ୍ରଫି ସହିତ ୩୦ ହଜାର ଟଙ୍କା ପୁରସ୍କାର ରାଶି ଅତିଥିମାନେ ପ୍ରଦାନ କରିଥିଲେ। ଜାତୀୟ ରେଫରି ଶିବଶଙ୍କର ପଣ୍ଡା ପରିଚାଳନା କରିଥିଲେ। ଦିଲୀପ ରାଉତ, ପ୍ରଶାନ୍ତ ପାଲ, ସଲିଲ ବେହେରା ଓ ସୁବ୍ରତ ପୁରୋହିତ,ନରେନ୍ଦ୍ର ଭୁକ୍ତା, ସବ୍ୟସାଚୀ କପରଦାର, ଅଭୟ ନାଏକ, ହରିହର ପାଣି ସହଯୋଗ କରିଥିଲେ।



# କଳା, ସଂସ୍କୃତି ଓ ଐତିହ୍ୟ ଉପରେ ମାର୍ଗଦର୍ଶନ

ଭୁବନ,୬।୧୧ (ବିପିନ ବିହାରୀ ସେଠୀ)


ଭୁବନରେ ଲୋକ ଉତ୍ସବରେ ଗୋପାଳ ଜୀଉ ମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। . .

ଢେଙ୍କାନାଳ ଜିଲା ଭୁବନ ମୀରାବାଇ କଳାବିକାଶ କେନ୍ଦ୍ର ପରିସରରେ ଶୁକ୍ରବାର ଲୋକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପରିଚାଳନା କମିଟି ସଦସ୍ୟ ଭଗବାନ ଗୁରୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଡ. ଶାନ୍ତିଭୂଷଣ ପଣ୍ଡା, ପଣ୍ଡିତ ପ୍ରମୋଦ ମିଶ୍ର, କଳାକାର ସୁରେନ୍ଦ୍ର ମିଶ୍ର, ଚିତ୍ରଶିଳ୍ପୀ ନାରାୟଣ ସାହୁ, ସାମାଜିକ କର୍ମୀ ଶ୍ରୀଧର ବେହେରା, ଦିଲୀପ ଦାସ, ଅଶୋକ ସାମଲ, ବିନୋଦ ବିହାରୀ ରାଉତ, ବିବେକ ରାଉତ ଅତିଥି ଭାବେ ଯୋଗଦେଇ କଳା, ସଂସ୍କୃତି ଓ ଐତିହ୍ୟ ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ଭୁବନ ଅଞ୍ଚଳରେ ଦେବୋତ୍ତର ବିଭାଗ ପକ୍ଷରୁ ୫ ମଣ୍ଡପ, ଦଶହରା ବଳଦ ଯାତ୍ରା ଶୁଭାରମ୍ଭ, ପ୍ରଥମ ଦୁର୍ଗା ପ୍ରତିଷ୍ଠାତା, ପ୍ରଥମ ଲକ୍ଷ୍ମୀ ପୂଜା ଆରମ୍ଭ କରିଥିବା ବରିଷ୍ଠ କଳାକାର, କାରିଗର, ମନ୍ଦିର ମାଳିନୀର ପ୍ରତିଷ୍ଠାତାଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୀରାବାଇ କଳାବିକାଶ କେନ୍ଦ୍ରର ସମସ୍ତ କଳାକାର ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳର କଳାକାରମାନେ ଯୋଗ ଦେଇଥିଲେ। ଶେଷରେ ଶାନ୍ତନୁ ଦାସ ଧନ୍ୟବାଦ ଦେଇଥିଲେ।

